# NATIONAL NEWS BULLETIN (ODIA)
## 12th February - 2026
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଲୋକସଭାରେ ପାରିତ ହେଲା ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ ବିଲ୍-୨୦୨୬ ।
- ବଜେଟ୍‌ରେ ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି; କହିଲେ ଅର୍ଥମନ୍ତ୍ରୀ ।
- ୩ ଲକ୍ଷ ୬୦ ହଜାର କୋଟି ଟଙ୍କାର ସଶସ୍ତ୍ର ବାହିନୀ ଦକ୍ଷତା ବୃଦ୍ଧି ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ମଞ୍ଜୁରି ।
- ବାଂଲାଦେଶରେ ତ୍ରୟୋଦଶ ଜାତୀୟ ସଂସଦ ନିର୍ବାଚନ ପାଇଁ ଶେଷ ହେଲା ମତଦାନ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ଭାରତ-ନାମିବ୍ୟା ମଧ୍ୟରେ ଜାରି ।

## ଏଲ୍.ଏସ୍. - ଇଣ୍ଡଷ୍ଟ୍ରିଆଲ୍ କୋଡ୍

ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ ବିଲ୍-୨୦୨୬ ଲୋକସଭାରେ ପାରିତ ହୋଇଛି । ଟ୍ରେଡ୍ ୟୁନିୟନ୍ ଆଇନ-୧୯୨୬, ଶିଳ୍ପ ନିଯୁକ୍ତି ସ୍ଥାୟୀ ଆଦେଶ ଆଇନ-୧୯୪୬ ଏବଂ ଶିଳ୍ପ ବିବାଦ ଆଇନ - ୧୯୪୭କୁ ଏକିକୃତ କରାଯାଇ ପ୍ରସ୍ତୁତ ଶିଳ୍ପ ସମ୍ପର୍କ ସଂହିତା-୨୦୨୦ର କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ଏହି ସଂଶୋଧନ କରାଯାଉଛି । ନୂତନ ଆଇନରେ ଥିବା ଧାରା ୧୦୪ ଅନୁଯାୟୀ ପୂର୍ବ ଆଇନଗୁଡ଼ିକ ଆଧାରରେ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ବୈଧ ଦର୍ଶାଇବା ନେଇ ସୃଷ୍ଟ ଦ୍ୱନ୍ଦ୍ୱକୁ ସମାଧାନ କରିବା ଲକ୍ଷ୍ୟରେ ଏହି ସଂଶୋଧନ ସହାୟକ ହେବ । ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟ ଗତକାଲି ଏହି ବିଲ୍‌କୁ ଲୋକସଭାରେ ଆଗତ କରିଥିଲେ । ଆଜି ଆଲୋଚନାର ଉତ୍ତର ଦେଇ ଶ୍ରୀ ମାଣ୍ଡବୀୟ କହିଛନ୍ତି, ୧୭ଟି ଜାତୀୟ ଶ୍ରମ ସଙ୍ଗଠନ ଏହି ସଂହିତାକୁ ପ୍ରଶଂସା କରିଛନ୍ତି । ଏହି ସଂହିତା ଶ୍ରମିକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହିତ ନିଯୁକ୍ତିଦାତାଙ୍କୁ ବ୍ୟବସାୟ କରିବାର ସହଜତା ପ୍ରଦାନ କରୁଛି । ଲିଙ୍ଗଭିତ୍ତିକ ମଜୁରି ଅସମାନତାକୁ ଏହି ସଂହିତା ଦୂର କରିବା ସହିତ

ଶ୍ରମିକଙ୍କୁ ସମୟାନୁଯାୟୀ ମଜୁରି ପ୍ରଦାନ କରିବାକୁ ସୁନିଶ୍ଚିତ କରିଥାଏ । ଶ୍ରୀ ମାଣ୍ଡବୀୟ କହିଛନ୍ତି, ୪୦ ବର୍ଷରୁ ଅଧିକ ବୟସ୍କ ଶ୍ରମିକଙ୍କୁ ପ୍ରତିବର୍ଷ ସ୍ୱାସ୍ଥ୍ୟ ପରୀକ୍ଷା କରିବା ବାଧ୍ୟତାମୂଳକ କରାଯାଇଛି ।

ବିଲ୍ ଆଲୋଚନାରେ ବିଭିନ୍ନ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ । ମନ୍ତ୍ରୀ ଶ୍ରୀ ମାଣ୍ଡବୀୟଙ୍କ ଉତ୍ତର ପରେ ବିଲ୍‌ଟି ଗୃହରେ ପାରିତ ହୋଇଥିଲା ।

ଏହାପରେ ଗୃହରେ କେତେକ ଜରୁରୀ ପ୍ରସଙ୍ଗ ନେଇ ଆଲୋଚନା ଆରମ୍ଭ ହେବାକୁ ଥିବାବେଳେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଏହା ସମ୍ଭବ ହୋଇପାରି ନ ଥିଲା । ବି.ଜେ.ପି. ସଦସ୍ୟ ନିଶିକାନ୍ତ ଦୁବେ’ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବିରୋଧରେ କେତେକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଏହାକୁ ଆଧାର କରି ବିରୋଧୀ ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଚସ୍ପତି ଗୃହକୁ ଦିନକପାଇଁ ମୁଲତବୀ ରଖିଥିଲେ ।

## ଆର୍.ଏସ୍. - ବଜେଟ୍ ଡିସ୍‌କସନ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାନ କରିବା ସହିତ ସମାବେଶୀ ବିକାଶକୁ ସୁନିଶ୍ଚିତ କରି ଏକ ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ ଦିଗରେ ସରକାର ପ୍ରୟାସ ଜାରି ରଖିଛନ୍ତି ।

ରାଜ୍ୟସଭାରେ ଆଜି କେନ୍ଦ୍ର ବଜେଟ୍ ଉପରେ ଆଲୋଚନାର ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖାଯାଇ ଉଚ୍ଚ ଅଭିବୃଦ୍ଧି ହାରକୁ ବଜାୟ ରଖାଯାଇପାରିଛି । ଚଳିତ ଆର୍ôଥିକ ବର୍ଷରେ ଦେଶର ଜି.ଡି.ପି. ଅଭିବୃଦ୍ଧି ୭ ଦଶମିକ ୪ ପ୍ରତିଶତ ରହିବ ବୋଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଆକଳନ କରିଛି । ମୁଦ୍ରାସ୍ଫୀତି ୨ ପ୍ରତିଶତକୁ ହ୍ରାସ ପାଇଛି । ଦେଶର ଅର୍ଥନୈତିକ ଦୃଢ଼ ଅଭିବୃଦ୍ଧିକୁ ଏହା ପ୍ରତିଫଳିତ କରୁଛି । ଅର୍ଥମନ୍ତ୍ରୀ କହିଛନ୍ତି, ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି ଉପରେ ବଜେଟ୍‌ରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ପଦକ୍ଷେପ ଗ୍ରହଣ କରାଯାଇଛି । ମାନବ ସମ୍ବଳ ବିକାଶକୁ ପ୍ରାଥମିକତା ପ୍ରଦାନ କରାଯିବା ସହ ଆଗାମୀ ବର୍ଷଗୁଡ଼ିକରେ ନିଯୁକ୍ତି ସୁଯୋଗ ସୃଷ୍ଟି ନେଇ ବଜେଟ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଅର୍ଥମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । କଲ୍ୟାଣକାରୀ ଯୋଜନାପାଇଁ ବଜେଟ୍‌ରେ ପର୍ଯ୍ୟାପ୍ତ ଅର୍ଥ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି ।

## ଡି.ଏ.ସି. ରାଫେଲ୍

ସଶସ୍ତ୍ର ବାହିନୀର ଦକ୍ଷତା ବୃଦ୍ଧି ଲକ୍ଷ୍ୟ ନେଇ ପ୍ରାୟ ୩ ଲକ୍ଷ ୬୦ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ-ଡି.ଏ.ସି. ମଞ୍ଜୁରି

ପ୍ରଦାନ କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରସ୍ତାବ ମଧ୍ୟରେ ଭାରତୀୟ ବାୟୁସେନା ପାଇଁ ବହୁମୁଖୀ ଯୁଦ୍ଧବିମାନ ରାଫେଲ୍, କ୍ଷେପଣାସ୍ତ୍ର ଏବଂ ବିମାନ ଆଧାରିତ ଅତିଉଚ୍ଚରେ ଉଡ଼ିପାରୁଥିବା ଛଦ୍ମ ଉପଗ୍ରହ ଆଦି ଅନ୍ତର୍ଭୁକ୍ତ । ଏହି ପଦକ୍ଷେପ ବାୟୁସେନାର ଦକ୍ଷତା ସହ ପ୍ରତିରୋଧ କ୍ଷମତାକୁ ମଧ୍ୟ ବୃଦ୍ଧି କରିବ । କ୍ରୟ ହେବାକୁ ଥିବା ରାଫେଲ୍ ବିମାନର ଅଧିକାଂଶ ଭାରତରେ ନିର୍ମିତ ହେବ ବୋଲି ମନ୍ତ୍ରଣାଳୟ କହିଛି । ଏଥିସହ ଭାରତୀୟ ସ୍ଥଳସେନା ପାଇଁ ଆଣ୍ଟି ଟ୍ୟାଙ୍କ୍ ମାଇନ୍ – ବିଭବ ଓ T-72 ଟ୍ୟାଙ୍କ୍ ଆଦି ପାଇଁ ପ୍ରସ୍ତାବକୁ ମଧ୍ୟ ମଞ୍ଜୁରି ପ୍ରଦାନ କରାଯାଇଛି । ଭାରତୀୟ ନୌସେନା ଏବଂ ତଟରକ୍ଷୀ ବାହିନୀ ପାଇଁ ମଧ୍ୟ କେତେକ ପ୍ରସ୍ତାବକୁ ଅନୁମୋଦନ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଡିଫେନ୍ସ ହାଲ୍ କଣ୍ଟ୍ରାକ୍ଟ

୮ଟି ଡାର୍ନିୟର୍ ୨୨୮ ବିମାନ ଅଧିଗ୍ରହଣ ପାଇଁ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ୍-ହାଲ୍ ସହିତ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରଣାଳୟ କହିଛି, ୨ ହଜାର ୩୧୨ କୋଟି ଟଙ୍କାର ଏହି ବୁଝାମଣାପତ୍ର ଭାରତୀୟ ତଟରକ୍ଷୀ ବାହିନୀ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଦେଶର ସାମୁଦ୍ରିକ

ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଏଭଳି ପଦକ୍ଷେପ ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦନ କରୁଛି ।

## ବାଂଲାଦେଶ ପୋଲ୍ସ

ବାଂଲାଦେଶର ତ୍ରୟୋଦଶ ଜାତୀୟ ସଂସଦୀୟ ନିର୍ବାଚନ ପାଇଁ ମତଗ୍ରହଣ ଶେଷ ହୋଇଛି । ୨୯୯ଟି ଆସନ ପାଇଁ ଭୋଟ୍‌ଗ୍ରହଣ ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଚାଲିଥିଲା । ମୋଟାମୋଟି ଶାନ୍ତିଶୃଙ୍ଖଳାର ସହିତ ମତଦାନ ଅନୁଷ୍ଠିତ ହୋଇଛି । ବାଂଲାଦେଶ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟର ବରିଷ୍ଠ ସଚିବ ଅଖ୍ତର ଅହମ୍ମଦ ଦେଇଥିବା ସୂଚନା ଅନୁଯାୟୀ ସମଗ୍ର ଦେଶରେ ୪୨ ହଜାର ୬୫୧ଟି ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ହୋଇଛି । ମଧ୍ୟାହ୍ନ ୧୨ଟା ସୁଦ୍ଧା ମତଦାନ ହାର ୩୨ ଦଶମିକ ୮/୮ ପ୍ରତିଶତ ରହିଥିଲା । ଦୁଇଟି ଜିଲ୍ଲାରେ ଗ୍ରେନେଡ୍ ବିସ୍ଫୋରଣ ସମେତ ଅନ୍ୟ କେତେକ ଘଟଣା ସତ୍ତ୍ୱେ କୌଣସି ମତଦାନ କେନ୍ଦ୍ରରେ ଭୋଟ୍‌ଗ୍ରହଣ ବାଧାପ୍ରାପ୍ତ ହୋଇ ନାହିଁ ବୋଲି ଶ୍ରୀ ଅହମ୍ମଦ କହିଛନ୍ତି । ତେବେ ସ୍ୱାସ୍ଥ୍ୟଗତ କାରଣରୁ ୪ଜଣଙ୍କର ମୃତ୍ୟୁ ହୋଇଥିବା

ଜଣାପଡ଼ିଛି । ମତଦାନ ଶେଷ ହେବାପରେ ଭୋଟ୍‌ଗଣତି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ ସେ ସୂଚନା ଦେଇଛନ୍ତି ।

## ଏମ୍.ଇ.ଏ. - ବ୍ରିଫିଙ୍ଗ୍

ନୂଆଦିଲ୍ଲୀରେ ହେବାକୁ ଥିବା ଭାରତ ଏ.ଆଇ. ଇମ୍ପ୍ୟାକ୍ଟ ସମ୍ମିଳନୀରେ ଯୋଗଦେବାପାଇଁ ବ୍ରାଜିଲ୍ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା ଭାରତ ଗସ୍ତରେ ଆସୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣକ୍ରମେ ରାଷ୍ଟ୍ରପତି ସିଲ୍‌ଭା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଭାରତ ଗସ୍ତରେ ରହିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି, ରାଷ୍ଟ୍ରପତି ଶ୍ରୀ ସିଲ୍‌ଭାଙ୍କ ସହିତ ସେଠାକାର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବ୍ୟାବସାୟିକ ପ୍ରତିନିଧିମଣ୍ଡଳୀ ଭାରତ ଗସ୍ତରେ ଆସୁଛନ୍ତି । ଆସନ୍ତା ୨୧ ତାରିଖରେ ଶ୍ରୀ ମୋଦି ଏବଂ ରାଷ୍ଟ୍ରପତି ସିଲ୍‌ଭାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଶ୍ରୀ ସିଲ୍‌ଭା ସାକ୍ଷାତ୍ ଆଲୋଚନା କରିବେ ।

ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବପାଇଁ ତିନିଦିନିଆ ସରକାରୀ ଗସ୍ତରେ ଭାରତ ଆସୁଛନ୍ତି ବୋଲି ଶ୍ରୀ

ଜୟଶ୍ୱାଲ୍ କହିଛନ୍ତି । ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ ଚୁକ୍ତି ଉପରେ ଆଲୋକପାତ କରି ସେ କହିଛନ୍ତି, ଉଭୟ ପକ୍ଷ ଏହାକୁ କାର୍ଯ୍ୟକାରୀ କରିବା ଉପରେ ପଦକ୍ଷେପ ଗ୍ରହଣ କରୁଛନ୍ତି ।

***Voice (Jaiswal) :..........***

## ଇଞ୍ଜିନିୟରିଂ ସେକ୍ଟର - ଇଣ୍ଡିଆ-ୟୁ.ଏସ୍. ଡିଲ୍

ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ଇଞ୍ଜିନିୟରିଂ କ୍ଷେତ୍ରକୁ ସୁଫଳ ପ୍ରଦାନ କରିବ ବୋଲି ଇଞ୍ଜିନିୟରିଂ ରପ୍ତାନୀ ପ୍ରୋତ୍ସାହନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଅରୁଣ କୁମାର ଗାରୋଡ଼ିଆ କହିଛନ୍ତି । ଆକାଶବାଣୀ ସମ୍ବାଦ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ସେ କହିଛନ୍ତି, ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଭାରତର ଇଞ୍ଜିନିୟରିଂ ରପ୍ତାନୀ କ୍ଷେତ୍ରରେ ନିରନ୍ତରତା ଦେଖାଦେଇଛି । ଏହି ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତି ନିକଟ ଭବିଷ୍ୟତରେ ଇଞ୍ଜିନିୟରିଂ ରପ୍ତାନୀ କ୍ଷେତ୍ରକୁ ଅଧିକ ବ୍ୟାପକ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଇଣ୍ଡିଆ-ନେପାଳ ଆସିଷ୍ଟାନ୍ସ

ନେପାଳରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ନିର୍ବାଚନପାଇଁ ପ୍ରସ୍ତୁତି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଲାଗି ଭାରତ ଆଜି ତୃତୀୟ ପର୍ଯ୍ୟାୟ ସହାୟତା ପ୍ରଦାନ କରିଛି । ନେପାଳ ପକ୍ଷରୁ କରାଯାଇଥିବା ଅନୁରୋଧ ଆଧାରରେ ଭାରତର ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ଆଜି ୨୭୦ରୁ ଅଧିକ ଯାନବାହନ ଏବଂ ଅନ୍ୟାନ୍ୟ ସାମଗ୍ରୀ ହସ୍ତାନ୍ତର କରିଛନ୍ତି । ନେପାଳ ଗୃହମନ୍ତ୍ରୀ ଓମ୍‌ପ୍ରକାଶ ଆର୍‌ୟଲ୍ କାଠମାଣ୍ଡୁଠାରେ ଏହି ସହାୟତା ଗ୍ରହଣ କରିଛନ୍ତି । ଏଥିମଧ୍ୟରେ ନେପାଳୀ ସେନାପାଇଁ ୫୦ଟି ଟ୍ରକ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହାକୁ ସେନାମୁଖ୍ୟ ଜେନେରାଲ୍ ଅଶୋକରାଜ ସିଗ୍‌ଦେଲ୍ ଗ୍ରହଣ କରିଛନ୍ତି । ଏହି ସମୟୋଚିତ ସହାୟତାପାଇଁ ନେପାଳ ଗୃହମନ୍ତ୍ରୀ ଶ୍ରୀ ଆର୍‌ୟଲ୍ ଭାରତକୁ କୃତଜ୍ଞତା ପ୍ରକାଶ କରିଛନ୍ତି । ଗତମାସ ୨୦ ଏବଂ ୨୯ ତାରିଖରେ ଭାରତ' ନେପାଳକୁ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ସମ୍ବନ୍ଧୀୟ ସହାୟତା ପ୍ରଦାନ କରିସାରିଛି ।

## ଆଇ.ସି.ସି. ମେନ୍‌ସ ଟି-୨୦

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ଭାରତ ଓ ନାମିବ୍ୟା ମଧ୍ୟରେ ଜାରି ରହିଛି । ଦିଲ୍ଲୀର ଅରୁଣ

ଜେଟ୍‌ଲୀ ଷ୍ଟାଡିୟମ୍‌ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ନାମିବ୍ୟା ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ୨ ଓଭରରେ ଗୋଟିଏ ୱିକେଟ୍ ବିନିମୟରେ ୨୫ ରନ୍ ସଂଗ୍ରହ କରିଛି ।

ଅନ୍ୟପକ୍ଷରେ ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଇଟାଲୀ ୧୦ ୱିକେଟ୍‌ରେ ନେପାଳକୁ ପରାସ୍ତ କରିଛି । ମୁମ୍ବାଇର ୱାଙ୍ଖେଡ୍ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍ ସି' ପର୍ଯ୍ୟାୟ ମ୍ୟାଚ୍‌ରେ ଟସ୍ ଜିତି ଇଟାଲୀ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନେପାଳ ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ଇଟାଲୀ ୧୩ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ହାସଲ କରିପାରିଥିଲା ।

ଆଜିର ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା' ଓମାନ୍‌କୁ ୧୦୫ ରନ୍‌ରେ ପରାସ୍ତ କରିଛି ।

## ଏଫ୍.ଆଇ.ଏଚ୍.

ଏଫ୍.ଆଇ.ଏଚ୍. ପ୍ରୋ-ଲିଗ୍ ପୁରୁଷ ହକି ପ୍ରତିଯୋଗିତାରେ ଆଉ କିଛିସମୟ ମଧ୍ୟରେ ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଏହି ମ୍ୟାଚ୍

ଖେଳାଯିବ । ଆସନ୍ତା ୧୪ ତାରିଖରେ ଭାରତ’ ବେଲଜିୟମ ବିପକ୍ଷରେ ଏବଂ ୧୫ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ ।

*****